**ମୁଖ୍ୟ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ଅନ୍ୟମାନେ**

**ବନାମ**

**ନିସାର ଖାନ୍**

**ଫେବୃଆରୀ 18, 2003**

**[ପ୍ରଧାନ ନ୍ୟାୟାଧୀଶ ଭି.ଏନ୍. ଖାରେ, ଏସ୍.ବି. ସିହ୍ନା ଏବଂ ଏ.ଆର୍. ଲକ୍ଷ୍ମଣନ୍, ନ୍ୟାୟମୂର୍ତ୍ତିତ୍ରୟ]**

*ବନ୍ୟପ୍ରାଣୀ (ସଂରକ୍ଷଣ) ଅଧିନିୟମ, 1972/ବନ୍ୟପ୍ରାଣୀ (ସଂରକ୍ଷଣ) ଅନୁଜ୍ଞା ପତ୍ର (ବିଚାରାର୍ଥେ ଅତିରିକ୍ତ ବିଷୟ) ନିୟମାବଳୀ, 1983:*

*ଧାରା 9, 44(4)—ଅନୁସୂଚୀ IV/ନିୟମ 3: ଅନୁସୂଚୀ IV ରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ପକ୍ଷୀମାନଙ୍କର ବ୍ୟବସାୟୀ ଭାବେ ବ୍ୟବସାୟ କରିବା ପାଇଁ ଅନୁଜ୍ଞା ପତ୍ର ପ୍ରଦାନ/ନବୀକରଣ—ବନ୍ୟପ୍ରାଣୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ—ନିଜ ଦଖଲରେ ଥିବା ସମସ୍ତ ପକ୍ଷୀଙ୍କୁ ହସ୍ତାନ୍ତର କରିବା ପାଇଁ ବ୍ୟବସାୟୀଙ୍କୁ ସୂଚନା ଜାରି—ବ୍ୟବସାୟୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆଜ୍ଞାଦେଶ ଆବେଦନ—ମଞ୍ଜୁର—ଆବେଦନକାରୀଙ୍କୁ ଅନୁଜ୍ଞା ପତ୍ର ପ୍ରଦାନ କରିବାକୁ ବନ୍ୟପ୍ରାଣୀ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ—ନିର୍ଣ୍ଣୟ କରାଗଲା ଯେ, ପକ୍ଷୀ ଧରିବା ପାଇଁ ଫାଶରେ ପକାଇବା ଯାହା 'ଶିକାର' ଶବ୍ଦର ପରିସରଭୁକ୍ତ, ତାହା ଧାରା 9 ର ସର୍ତ୍ତାବଳୀ ଅନୁଯାୟୀ ନିଷେଧ—ଯଦିଓ ପଞ୍ଜୁରୀବଦ୍ଧ ପକ୍ଷୀ ସମ୍ବନ୍ଧରେ ଅନୁଜ୍ଞା ପତ୍ର ପ୍ରଦାନ ସମ୍ପୂର୍ଣ୍ଣ ରୂପେ ନିଷେଧ ନୁହେଁ, ଅନୁଜ୍ଞା ପତ୍ର ପ୍ରଦାନ କରିବା ପୂର୍ବରୁ ଆଇନଗତ ବାଧ୍ୟବାଧକତା ଅଧୀନରେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଏହା ସୁନିଶ୍ଚିତ କରିବେ ଯେ, ସେଥିଦ୍ୱାରା, ଅନ୍ୟାନ୍ୟ ବିଷୟ ସହିତ, ଅଧିନିୟମର ଧାରା 9 ର ବ୍ୟବସ୍ଥା ଏବଂ ନିୟମାବଳୀର ବ୍ୟବସ୍ଥାଗୁଡ଼ିକ ଯେପରି ଉଲ୍ଲଂଘନ ନହୁଏ—ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଅଧିନିୟମରେ ଥିବା ଯେକୌଣସି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଠୋରତା ସହିତ ଅନୁପାଳନ କରାଯିବା ଆବଶ୍ୟକ—ଯେତେବେଳେ ଅନୁସୂଚୀ IV ରେ ଉଲ୍ଲେଖ ଥିବା ପକ୍ଷୀମାନଙ୍କର ଶିକାର ନିଷେଧ କରାଯାଇଛି, ସେତେବେଳେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, କୌଣସି ବ୍ୟକ୍ତିଙ୍କୁ ଶିକାର (ଯେଉଁଥିରେ ଫାଶରେ ପକାଇବା ମଧ୍ୟ ଅନ୍ତର୍ଭୁକ୍ତ) ଦ୍ୱାରା ପ୍ରାପ୍ତ ହୋଇଥିବା ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କର ବ୍ୟବସାୟ କରିବା ପାଇଁ ଅନୁଜ୍ଞା ପତ୍ର ପ୍ରଦାନ କରାଯାଇପାରିବ ନାହିଁ—ନିୟମ 3 ସ୍ପଷ୍ଟ ଭାବେ ଦର୍ଶାଏ ଯେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ କେବଳ ସମ୍ପୃକ୍ତ ବ୍ୟବସାୟ ପାଇଁ ଯୋଗାଣର ଉତ୍ସ ଏବଂ ପ୍ରଣାଳୀକୁ ବିଚାର କରିବେ ନାହିଁ, ବରଂ*

*ସେଭଳି ଅନୁଜ୍ଞା ପତ୍ର ପ୍ରଦାନ ଦ୍ୱାରା ସମ୍ପୃକ୍ତ ବନ୍ୟପ୍ରାଣୀଙ୍କ ଶିକାର କିମ୍ବା ବ୍ୟାପାର ଉପରେ କି ପ୍ରଭାବ ପଡ଼ିବ, ସେ ସମ୍ବନ୍ଧରେ ଗମ୍ଭୀର ବିଚାର କରିବା ଆବଶ୍ୟକ—ଯେତେବେଳେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଜଣେ ଅନୁଜ୍ଞା ପତ୍ରଧାରୀଙ୍କ ପୂର୍ବ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏହି ତଥ୍ୟଗତ ନିଷ୍କର୍ଷରେ ପହଞ୍ଚନ୍ତି ଯେ, ସେ ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କର ପ୍ରଜନନ ଦ୍ୱାରା ବ୍ୟବସାୟ ଚଳାଇ ପାରିବେ ନାହିଁ ବରଂ ସେଥିପାଇଁ ତାଙ୍କୁ ବାଧ୍ୟତାମୂଳକ ଭାବେ ଶିକାର କରିବାକୁ ପଡ଼ିବ, ସେତେବେଳେ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଅନୁଜ୍ଞା ପତ୍ର ପ୍ରଦାନ କରିବାକୁ ମନା କରିବାରେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଯଥାର୍ଥ ଅଟନ୍ତି—ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ସନ୍ତୁଷ୍ଟ ହେବା ଆବଶ୍ୟକ ଯେ ଆବେଦନକାରୀ ଅଧିନିୟମ, ନିୟମାବଳୀ ଏବଂ ସେଥିପାଇଁ ନିର୍ଦ୍ଧାରିତ ଅନୁଜ୍ଞା ପତ୍ରର ନିୟମ ଓ ସର୍ତ୍ତାବଳୀକୁ କଠୋର ଭାବେ ପାଳନ କରିବାକୁ ସକ୍ଷମ—କେବଳ ଆଇନରେ ନିର୍ଦ୍ଧାରିତ ବସ୍ତୁନିଷ୍ଠ ମାନଦଣ୍ଡକୁ ବିଚାର କରି ସନ୍ତୁଷ୍ଟ ହେବା ପରେ ହିଁ ସେ ଅନୁଜ୍ଞା ପତ୍ର ଜାରି କରିପାରିବେ, ଏବଂ ସେଥିପାଇଁ ଏପରି ଆକ୍ଷେପିତ ନିର୍ଦ୍ଦେଶ ଜାରି କରିବା ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ଅଧୀନରେ ନଥିଲା—ତଦନୁଯାୟୀ ଏହାକୁ ବାତିଲ କରାଗଲା- ଭାରତର ସମ୍ବିଧାନ—ଅନୁଚ୍ଛେଦ 226—ବନ୍ୟପ୍ରାଣୀ (କାରବାର ଏବଂ ଚର୍ମରକ୍ଷଣ ବିଦ୍ୟା) ନିୟମାବଳୀ, 1973.*

*ଧାରା 2(1), 2(5), 2(11), 2(16), 2(36) ଏବଂ 9— 'ପ୍ରାଣୀ', 'ଆବଦ୍ଧ ପ୍ରାଣୀ', 'ବ୍ୟବସାୟୀ', 'ଶିକାର', 'ବନ୍ୟ ପ୍ରାଣୀ': ପକ୍ଷୀ ବ୍ୟବସାୟୀ—'ପ୍ରାଣୀ' ଶବ୍ଦରେ ପକ୍ଷୀମାନେ ଅନ୍ତର୍ଭୁକ୍ତ—'ଶିକାର' ରେ ଯେକୌଣସି ବନ୍ୟପ୍ରାଣୀଙ୍କୁ ଫାଶରେ ପକାଇବା ଅନ୍ତର୍ଭୁକ୍ତ—ପକ୍ଷୀମାନଙ୍କୁ 'ଫାଶରେ ପକାଇବା' ଯାହା 'ଶିକାର' ଶବ୍ଦର ଅର୍ଥର ପରିସରଭୁକ୍ତ, ତାହା ଧାରା 9 ର ସର୍ତ୍ତାବଳୀ ଅନୁଯାୟୀ ନିଷେଧ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 5519 / 1994.

ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 36693/1991 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ 27.8.93 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ମୁକୁଲ ରୋହତଗୀ, ଅତିରିକ୍ତ ସଲିସିଟର ଜେନେରାଲ, (ଏ.ସି.), ଏ.କେ. ଶ୍ରୀବାସ୍ତବ, ୱାଇ.ପି. ସିଂହ, ଅଜୟ କେ. ଅଗ୍ରୱାଲ, ସି. ସିଦ୍ଧାର୍ଥ, ଏବଂ ସୁଶୀଲ କୁମାର ଜୈନ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 36693/1991 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା 27 ଅଗଷ୍ଟ, 1993 ରେ ପାରିତ ଏକ ରାୟ ଏବଂ ଆଦେଶ ବିରୁଦ୍ଧରେ ଏହି ଅପିଲ ଆଗତ ହୋଇଛି, ଯେଉଁଥିରେ ଏବଂ ଯେଉଁ ଅନୁସାରେ ଏଠାରେ ଥିବା ପ୍ରତିପକ୍ଷଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆଜ୍ଞାଦେଶ ଆବେଦନ, *ଅନ୍ୟାନ୍ୟ ବିଷୟ ସହିତ*, ଏଠାରେ ଥିବା ଅପିଲକାରୀମାନଙ୍କୁ ପଞ୍ଜୁରୀରେ ପ୍ରଜନନ କରାଯାଉଥିବା ପକ୍ଷୀମାନଙ୍କର ବ୍ୟବସାୟୀ ଭାବେ ବ୍ୟବସାୟ କରିବା ପାଇଁ ଅନୁଜ୍ଞା ପତ୍ର ପ୍ରଦାନ କରିବାକୁ ଏକ ପରମାଦେଶ ପ୍ରକୃତିର ନିର୍ଦ୍ଦେଶ ଜାରି କରିବା ନିମନ୍ତେ କରାଯାଇଥିବା ଆବେଦନକୁ ମଞ୍ଜୁର କରାଯାଇଥିଲା ।

ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପ୍ରତିପକ୍ଷଙ୍କ ଯୁକ୍ତି ଥିଲା ଯେ ସେ ବନ୍ୟପ୍ରାଣୀ (ସଂରକ୍ଷଣ) ଅଧିନିୟମ, 1972 (ଏହା ପରେ "ଅଧିନିୟମ" କୁହାଯିବ) ସହିତ ସଂଲଗ୍ନ ଅନୁସୂଚୀ IV ରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଅନେକ ପ୍ରକାରର ପକ୍ଷୀଙ୍କ ବ୍ୟବସାୟ କରୁଥିଲେ, ଯେଉଁଥିପାଇଁ ସେ ଆବେଦନ କରିଥିଲେ ଏବଂ ତାଙ୍କୁ ଏକ ଅନୁଜ୍ଞା ପତ୍ର ପ୍ରଦାନ କରାଯାଇଥିଲା ଯାହା 31 ଡିସେମ୍ବର 1990 ପର୍ଯ୍ୟନ୍ତ ବୈଧ ଥିଲା । 1991 ବର୍ଷ ପାଇଁ ଉକ୍ତ ଅନୁଜ୍ଞା ପତ୍ରର ନବୀକରଣ ନିମନ୍ତେ ସେ ଏକ ଆବେଦନ ପତ୍ର ଦାଖଲ କରିଥିଲେ, ମାତ୍ର ତାହା ମଞ୍ଜୁର କରାଯାଇ ନଥିଲା । ପ୍ରତିପକ୍ଷଙ୍କ ଅନୁଯାୟୀ, ସେ ମୁଖ୍ୟତଃ ମୁନିଆ, ଟିଆ, ବଣୀ ଏବଂ ଚଟିଆ ଶ୍ରେଣୀର ପକ୍ଷୀ ବ୍ୟବସାୟ କରୁଥିଲେ, ଯାହା ଉତ୍ତର ପ୍ରଦେଶ ରାଜ୍ୟରେ ପ୍ରଚୁର ପରିମାଣରେ ମିଳିଥାନ୍ତି, ଏବଂ ସେଥିପାଇଁ ଅପିଲକାରୀମାନଙ୍କ ଦ୍ୱାରା ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ବା ଅନ୍ୟ କୌଣସି ପ୍ରକାରେ ତାଙ୍କର ପଞ୍ଜୁରୀବଦ୍ଧ ପକ୍ଷୀ ବ୍ୟବସାୟ ଉପରେ କୌଣସି ନିଷେଧାଜ୍ଞା ଜାରି କରାଯାଇପାରିବ ନାହିଁ ।

ଅନ୍ୟପକ୍ଷରେ ଏଠାରେ ଥିବା ଅପିଲକାରୀମାନଙ୍କ ଯୁକ୍ତି ଥିଲା ଯେ, ଅଧିନିୟମର ଧାରା 9 ରେ କରାଯାଇଥିବା ସଂଶୋଧନକୁ ଦୃଷ୍ଟିରେ ରଖି, ଯେହେତୁ 'ଶିକାର' ଶବ୍ଦ ମଧ୍ୟରେ ଅଧିନିୟମ ସହିତ ସଂଲଗ୍ନ ଅନୁସୂଚୀ IV ରେ ଉଲ୍ଲେଖ ଥିବା ପକ୍ଷୀମାନଙ୍କୁ ଫାଶରେ ପକାଇବା ଅନ୍ତର୍ଭୁକ୍ତ, ତେଣୁ ସେଗୁଡ଼ିକର ବ୍ୟବସାୟ ପାଇଁ କୌଣସି ଅନୁଜ୍ଞା ପତ୍ର ବୈଧ ଭାବେ ପ୍ରଦାନ କରାଯାଇପାରିବ ନାହିଁ । ଏହା ମଧ୍ୟ ଯୁକ୍ତି କରାଯାଇଥିଲା ଯେ ଅପିଲକାରୀମାନେ 4 ଡିସେମ୍ବର 1991 ରେ କିମ୍ବା ତା' ପାଖାପାଖି ସମୟରେ ପ୍ରତିପକ୍ଷଙ୍କୁ ଏକ ସୂଚନା ଜାରି କରି 31 ଡିସେମ୍ବର 1991 ପୂର୍ବରୁ ତାଙ୍କ ଦଖଲରେ ଥିବା ସମସ୍ତ ପକ୍ଷୀଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଉଚ୍ଚ ନ୍ୟାୟାଳୟ, ପକ୍ଷମାନଙ୍କ ଦ୍ୱାରା ଉପସ୍ଥାପିତ ପରସ୍ପର ବିରୋଧୀ ଯୁକ୍ତିଗୁଡ଼ିକୁ ବିଚାରକୁ ନେଇ ସ୍ଥିର କଲେ ଯେ ଏଠାରେ ଥିବା ପ୍ରତିପକ୍ଷ ଅଧିନିୟମର ଅନୁସୂଚୀ IV ରେ ଉଲ୍ଲେଖ ଥିବା ପକ୍ଷୀମାନଙ୍କର ବ୍ୟବସାୟ କରିବାକୁ ହକଦାର ଏବଂ ସେଥିପାଇଁ ଅନୁଜ୍ଞା ପତ୍ର ପ୍ରଦାନ ସମ୍ବନ୍ଧୀୟ ବିଷୟକୁ ବିଚାର କରାଯିବା ଉଚିତ ଥିଲା । ଉଚ୍ଚ ନ୍ୟାୟାଳୟ ନିମ୍ନମତେ ନିର୍ଦ୍ଦେଶ ଦେଇଥିଲେ:

"ଏହି କାରଣଗୁଡ଼ିକ ଯୋଗୁଁ, ଆବେଦନକାରୀ ଆଂଶିକ ଭାବେ ସଫଳ ହେଉଛନ୍ତି ଏବଂ ଆବେଦନ ମଞ୍ଜୁର କରାଯାଉଛି; 4.12.1991 ତାରିଖର ଆକ୍ଷେପିତ ସୂଚନା (ଆଜ୍ଞାଦେଶ ଆବେଦନର ସଂଲଗ୍ନକ '5') କୁ ରଦ୍ଦ କରାଯାଉଛି, ଅପିଲକାରୀମାନଙ୍କୁ ଅଧିନିୟମର ଅନୁସୂଚୀ IV ରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ପକ୍ଷୀମାନଙ୍କର ବ୍ୟବସାୟରେ ହସ୍ତକ୍ଷେପ କରିବାରୁ ନିବୃତ୍ତ କରାଯାଉଛି ଏବଂ ଆବେଦନକାରୀ ନିଜେ କିମ୍ବା ଅନ୍ୟ ପ୍ରଜନନକାରୀଙ୍କ ଠାରୁ ସଂଗ୍ରହ କରି ପଞ୍ଜୁରୀରେ ପ୍ରଜନନ କରାଯାଉଥିବା ଅଧିନିୟମର ଅନୁସୂଚୀ IV ରେ ନିର୍ଦ୍ଦିଷ୍ଟ ପକ୍ଷୀମାନଙ୍କର ବ୍ୟବସାୟୀ ଭାବେ ବ୍ୟବସାୟ କରିବା ପାଇଁ ଅନୁଜ୍ଞା ପତ୍ର ପ୍ରଦାନ କରିବାକୁ ପ୍ରତିପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି, ଯାହାକି ଆବେଦନକାରୀଙ୍କ ଦ୍ୱାରା 1974 ମସିହାର ଉକ୍ତ ନିୟମାବଳୀ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସର୍ତ୍ତ ପୂରଣ କରି ଏକ ସଠିକ ଆବେଦନ କରାଯିବା ତାରିଖରୁ ତିନି ମାସ ମଧ୍ୟରେ କରାଯିବ ।"

ଅପିଲକାରୀମାନଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ୱାଇ.ପି. ସିଂହ ଯୁକ୍ତି କରିଥିଲେ ଯେ ଏଠାରେ ଥିବା ପ୍ରତିପକ୍ଷଙ୍କ ଦ୍ୱାରା ଦାୟର କରାଯାଇଥିବା ଆଜ୍ଞାଦେଶ ଆବେଦନକୁ କେବଳ ମାତ୍ର ପାଠ କଲେ ସ୍ପଷ୍ଟ ଜଣାପଡ଼ିବ ଯେ ସେ ପକ୍ଷୀ ବ୍ୟବସାୟ କରିବା ପ୍ରସଙ୍ଗରେ ନିଶ୍ଚିତ ଭାବେ ସ୍ୱୀକାର କରିଛନ୍ତି ଯେ ପକ୍ଷୀମାନଙ୍କୁ ଫାଶରେ ପକାଇବା ଆବଶ୍ୟକ ଏବଂ ସେଥିପାଇଁ ସେ ନିଜର ବ୍ୟବସାୟ ଜାରି ରଖିବାକୁ ହକଦାର ନଥିଲେ ।

ନ୍ୟାୟ ମିତ୍ର ଭାବେ ହାଜର ହୋଇଥିବା ବିଜ୍ଞ ଅତିରିକ୍ତ ସଲିସିଟର ଜେନେରାଲ ଶ୍ରୀ ମୁକୁଲ ରୋହତଗୀ ଅନ୍ୟାନ୍ୟ ବିଷୟ ସହିତ ଉପସ୍ଥାପନ କରିଥିଲେ ଯେ, ଯଦିଓ ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କର ବ୍ୟବସାୟ କରିବା ନିଷେଧ ନୁହେଁ, ତଥାପି ଅଧିନିୟମର ଧାରା 44 ଅନୁଯାୟୀ କୌଣସି ଅନୁଜ୍ଞା ପତ୍ର ପ୍ରଦାନ କରାଯାଇପାରିବ ନାହିଁ ଯଦି ସେହି କାରଣରୁ ଅନୁଜ୍ଞା ପତ୍ରଧାରୀ ଅଧିନିୟମର କୌଣସି ବ୍ୟବସ୍ଥାକୁ ଉଲ୍ଲଂଘନ କରନ୍ତି ।

ବନ୍ୟପ୍ରାଣୀ, ପକ୍ଷୀ ଏବଂ ଉଦ୍ଭିଦଗୁଡ଼ିକର ସୁରକ୍ଷା ଏବଂ ତାହା ସହିତ ଜଡ଼ିତ କିମ୍ବା ଆନୁସଙ୍ଗିକ କିମ୍ବା ପ୍ରାସଙ୍ଗିକ ବିଷୟଗୁଡ଼ିକର ବ୍ୟବସ୍ଥା କରିବା ପାଇଁ ଏହି ଅଧିନିୟମ ପ୍ରଣୟନ କରାଯାଇଥିଲା ।

ଅଧିନିୟମର ଧାରା 2(1) ରେ 'ପ୍ରାଣୀ' ଶବ୍ଦର ସଂଜ୍ଞା ଦିଆଯାଇଛି ଯାହାର ଅର୍ଥ ହେଉଛି ଉଭୟଚର, ପକ୍ଷୀ, ସ୍ତନ୍ୟପାୟୀ ଏବଂ ସରୀସୃପ ଏବଂ ସେମାନଙ୍କର ଶାବକ, ଏବଂ ପକ୍ଷୀ ଓ ସରୀସୃପମାନଙ୍କ କ୍ଷେତ୍ରରେ ସେମାନଙ୍କର ଅଣ୍ଡା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । 'ଆବଦ୍ଧ ପ୍ରାଣୀ' (ପଞ୍ଜୁରୀବଦ୍ଧ/ବନ୍ଦୀ ପ୍ରାଣୀ) କୁ ଅଧିନିୟମର ଧାରା 2(5) ରେ ସଂଜ୍ଞାୟିତ କରାଯାଇଛି ଯାହାର ଅର୍ଥ ହେଉଛି ଅନୁସୂଚୀ I, II, III କିମ୍ବା IV ରେ ନିର୍ଦ୍ଦିଷ୍ଟ ଯେକୌଣସି ପ୍ରାଣୀ, ଯାହାକୁ ବନ୍ଦୀ କରାଯାଇଛି କିମ୍ବା ପଞ୍ଜୁରୀରେ ରଖାଯାଇଛି କିମ୍ବା ପ୍ରଜନନ କରାଯାଇଛି । 'ବ୍ୟବସାୟୀ' ଶବ୍ଦକୁ ଧାରା 2(11) ରେ ସଂଜ୍ଞାୟିତ କରାଯାଇଛି ଯାହାର ଅର୍ଥ ହେଉଛି ଯେକୌଣସି ବ୍ୟକ୍ତି ଯିଏ କୌଣସି ପଞ୍ଜୁରୀବଦ୍ଧ ପ୍ରାଣୀ, ପ୍ରାଣୀ ନିର୍ମିତ ସାମଗ୍ରୀ, ଟ୍ରଫି, ଅପରିଶୋଧିତ ଟ୍ରଫି, ମାଂସ କିମ୍ବା ନିର୍ଦ୍ଦିଷ୍ଟ ଉଦ୍ଭିଦର କ୍ରୟ ଏବଂ ବିକ୍ରୟ ବ୍ୟବସାୟ କରନ୍ତି ।

'ଶିକାର' ଶବ୍ଦକୁ ଅଧିନିୟମର ଧାରା 2(16) ରେ ନିମ୍ନମତେ ସଂଜ୍ଞାୟିତ କରାଯାଇଛି:

"'ଶିକାର', ଏହାର ବ୍ୟାକରଣଗତ ରୂପାନ୍ତର ଏବଂ ସଜାତୀୟ ଅଭିବ୍ୟକ୍ତି ସହିତ ନିମ୍ନୋକ୍ତଗୁଡ଼ିକୁ ଅନ୍ତର୍ଭୁକ୍ତ କରେ;

(a) ଯେକୌଣସି ବନ୍ୟପ୍ରାଣୀଙ୍କୁ ବନ୍ଦୀ କରିବା, ହତ୍ୟା କରିବା, ବିଷ ପ୍ରୟୋଗ କରିବା, ଫାଶରେ ପକାଇବା ଏବଂ ଜାଲରେ ଛନ୍ଦିବା ଏବଂ ସେଥିପାଇଁ କରାଯାଉଥିବା ପ୍ରତ୍ୟେକ ପ୍ରଚେଷ୍ଟା;

(b) ଉପ-ଖଣ୍ଡ (a) ରେ ନିର୍ଦ୍ଦିଷ୍ଟ ଯେକୌଣସି ଉଦ୍ଦେଶ୍ୟ ପାଇଁ ଯେକୌଣସି ବନ୍ୟପ୍ରାଣୀଙ୍କୁ ଘଉଡ଼ାଇବା;

(c) ସେଭଳି ଯେକୌଣସି ପ୍ରାଣୀର ଶରୀରର କୌଣସି ଅଂଶକୁ ଆହତ କରିବା କିମ୍ବା ନଷ୍ଟ କରିବା କିମ୍ବା ନେଇଯିବା କିମ୍ବା ବନ୍ୟ ପକ୍ଷୀ ବା ସରୀସୃପମାନଙ୍କ କ୍ଷେତ୍ରରେ, ସେଭଳି ପକ୍ଷୀ ବା ସରୀସୃପମାନଙ୍କର ଅଣ୍ଡାକୁ ନଷ୍ଟ କରିବା କିମ୍ବା ସେଭଳି ପକ୍ଷୀ ବା ସରୀସୃପମାନଙ୍କର ଅଣ୍ଡା ବା ବସାର ବିଘ୍ନ ଘଟାଇବା;"

'ବନ୍ୟ ପ୍ରାଣୀ' ଶବ୍ଦକୁ ଅଧିନିୟମର ଧାରା 2(36) ରେ ସଂଜ୍ଞାୟିତ କରାଯାଇଛି ଯାହାର ଅର୍ଥ ହେଉଛି ପ୍ରକୃତିରେ ବନ୍ୟ ଅବସ୍ଥାରେ ମିଳୁଥିବା ଯେକୌଣସି ପ୍ରାଣୀ ଏବଂ ଏଥିରେ ଅନୁସୂଚୀ I, II, III, IV କିମ୍ବା V ରେ ନିର୍ଦ୍ଦିଷ୍ଟ ଯେକୌଣସି ପ୍ରାଣୀ, ସେ ଯେଉଁଠାରେ ମଧ୍ୟ ମିଳୁନା କାହିଁକି, ଅନ୍ତର୍ଭୁକ୍ତ ।

ଅଧିନିୟମର ଧାରା 9 ରେ ଅଧିନିୟମ 44/1991 ଦ୍ୱାରା 2.10.1991 ଠାରୁ କାର୍ଯ୍ୟକାରୀ ହେବା ଭଳି ଏକ ସଂଶୋଧନ କରାଯାଇଥିଲା ଯାହା ଏହିପରି ବ୍ୟବସ୍ଥା କରେ- ଯେକୌଣସି ବ୍ୟକ୍ତି ଧାରା 11 ଏବଂ ଧାରା 12 ର ବ୍ୟବସ୍ଥା ଅନୁଯାୟୀ ବ୍ୟତିରେକେ ଅନୁସୂଚୀs I, II, III ଏବଂ IV ରେ ଉଲ୍ଲେଖ ଥିବା କୌଣସି ବନ୍ୟପ୍ରାଣୀଙ୍କ ଶିକାର କରିବେ ନାହିଁ । ଧାରା 11 କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବନ୍ୟପ୍ରାଣୀ ଶିକାର ପାଇଁ ଅନୁମତି ପ୍ରଦାନର ବ୍ୟବସ୍ଥା କରୁଥିବାବେଳେ, ଧାରା 12 ବିଶେଷ ଉଦ୍ଦେଶ୍ୟ ପାଇଁ ମଞ୍ଜୁରୀ ପ୍ରଦାନର ବ୍ୟବସ୍ଥା କରେ ।

ପକ୍ଷୀମାନଙ୍କୁ ଫାଶରେ ପକାଇବା ଯାହା 'ଶିକାର' ଶବ୍ଦର ଅର୍ଥର ପରିସରଭୁକ୍ତ ଅଟେ, ତାହା ଏହିପରି ଭାବେ ଅଧିନିୟମର ଧାରା 9 ର ସର୍ତ୍ତାବଳୀ ଅନୁଯାୟୀ ନିଷେଧ ।

ଏହା ଅବିବାଦିତ ଯେ ପ୍ରତିପକ୍ଷ ଯେଉଁ ପକ୍ଷୀମାନଙ୍କର ବ୍ୟବସାୟ କରୁଥିଲେ, ସେଗୁଡ଼ିକ ଅଧିନିୟମ ସହିତ ସଂଲଗ୍ନ ଅନୁସୂଚୀ IV ର ବିଷୟ ସଂଖ୍ୟା 9, 44, 45 ଏବଂ 50 ରେ ସ୍ଥାନ ପାଇଛନ୍ତି । ଅଧିନିୟମର ଧାରା 44 କୌଣସି ବ୍ୟକ୍ତିଙ୍କୁ ଅଧ୍ୟାୟ 5A ର ବ୍ୟବସ୍ଥାଗୁଡ଼ିକର ଅଧୀନରେ ଉକ୍ତ ଧାରା 44 ର ଉପ-ଧାରା (4) ଅଧୀନରେ ପ୍ରଦାନ କରାଯାଇଥିବା ଅନୁଜ୍ଞା ପତ୍ର ବିନା, ଅନ୍ୟାନ୍ୟ ବିଷୟ ସହିତ, ପଞ୍ଜୁରୀବଦ୍ଧ ପ୍ରାଣୀମାନଙ୍କର ବ୍ୟବସାୟୀ ଭାବେ ବ୍ୟବସାୟ ଆରମ୍ଭ କରିବା କିମ୍ବା ଚଲାଇବାକୁ ନିଷେଧ କରେ, ଯାହା ନିମ୍ନମତେ ପଠିତ ହୁଏ:

"(4)(a) ଉପ-ଧାରା (3) ରେ ଉଲ୍ଲେଖ ଥିବା ପ୍ରତ୍ୟେକ ଆବେଦନ ସେଭଳି ଫର୍ମରେ ଏବଂ ସେଭଳି ଦେୟ ପୈଠ କରି ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କରାଯିବ ଯାହା ନିର୍ଦ୍ଧାରିତ କରାଯାଇପାରେ ।

(b) ଉପ-ଧାରା (1) ରେ ଉଲ୍ଲେଖ ଥିବା କୌଣସି ଅନୁଜ୍ଞା ପତ୍ର ସେପର୍ଯ୍ୟନ୍ତ ପ୍ରଦାନ କରାଯିବ ନାହିଁ ଯେପର୍ଯ୍ୟନ୍ତ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଆବେଦନକାରୀଙ୍କ ପୂର୍ବ ଇତିହାସ/ପୃଷ୍ଠଭୂମି ଏବଂ ପୂର୍ବ ଅଭିଜ୍ଞତାକୁ ଦୃଷ୍ଟିରେ ରଖି, ସେଭଳି ଅନୁଜ୍ଞା ପତ୍ର ପ୍ରଦାନ ଦ୍ୱାରା ବନ୍ୟପ୍ରାଣୀଙ୍କ ସ୍ଥିତି ଉପରେ କି ପ୍ରଭାବ ପଡ଼ିବ ଏବଂ ଏହି ସମ୍ବନ୍ଧରେ ନିର୍ଦ୍ଧାରିତ

ଅନ୍ୟାନ୍ୟ ବିଷୟଗୁଡ଼ିକୁ ବିଚାର କରି ଏବଂ ସେହି ବିଷୟଗୁଡ଼ିକ ସମ୍ବନ୍ଧରେ ନିଜ ମତ ଅନୁଯାୟୀ ଉପଯୁକ୍ତ ତଦନ୍ତ କରିବା ପରେ, ସନ୍ତୁଷ୍ଟ ନ ହୁଅନ୍ତି ଯେ ଅନୁଜ୍ଞା ପତ୍ର ପ୍ରଦାନ କରାଯିବା ଆବଶ୍ୟକ ।"

ଧାରା 44 ର ଉପ-ଧାରା (6) ବ୍ୟବସ୍ଥା କରେ ଯେ ସେଥିଅଧୀନରେ ପ୍ରଦାନ କରାଯାଇଥିବା ପ୍ରତ୍ୟେକ ଅନୁଜ୍ଞା ପତ୍ର ଏକ ବର୍ଷ ପାଇଁ ବୈଧ ହେବ, ତାହା ହସ୍ତାନ୍ତର କରାଯାଇପାରିବ ନାହିଁ, ଏବଂ ଏକ ସମୟରେ ଏକ ବର୍ଷରୁ ଅଧିକ ନ ହେବା ଭଳି ଅବଧି ପାଇଁ ନବୀକରଣ ଯୋଗ୍ୟ ହେବ ।

ଅଧିନିୟମର ଧାରା 63 କେନ୍ଦ୍ର ସରକାରଙ୍କ ନିୟମ ପ୍ରଣୟନ କ୍ଷମତା ସମ୍ବନ୍ଧରେ ବ୍ୟବସ୍ଥା କରେ । ଧାରା 63 ର ଉପ-ଧାରା (1) ର ଖଣ୍ଡ (i), *ଅନ୍ୟାନ୍ୟ ବିଷୟ ସହିତ*, ଧାରା 44 ର ଉପ-ଧାରା (4) ର ଖଣ୍ଡ (b) ଅଧୀନରେ ଆସୁଥିବା ବିଷୟଗୁଡ଼ିକ ସମ୍ବନ୍ଧରେ ନିୟମ ପ୍ରଣୟନ କରିବାକୁ କେନ୍ଦ୍ର ସରକାରଙ୍କୁ କ୍ଷମତା ପ୍ରଦାନ କରେ । ଅଧିନିୟମର ଧାରା 64 ରାଜ୍ୟ ସରକାରଙ୍କୁ ନିୟମ ପ୍ରଣୟନ କରିବାକୁ କ୍ଷମତା ପ୍ରଦାନ କରେ । ଧାରା 64 ର ଉପ-ଧାରା (2) ର ଖଣ୍ଡ (d) ସେହି ସର୍ତ୍ତାବଳୀଗୁଡ଼ିକର ବ୍ୟବସ୍ଥା କରେ ଯାହା ଅଧୀନରେ ଅଧିନିୟମ ଅନୁଯାୟୀ କୌଣସି ଅନୁଜ୍ଞା ପତ୍ର କିମ୍ବା ମଞ୍ଜୁରୀ ପ୍ରଦାନ କରାଯାଇପାରେ ।

ଏହା ଅବିବାଦିତ ଯେ କେନ୍ଦ୍ର ସରକାର, ଅଧିନିୟମର ଧାରା 63 ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, ଅଧିନିୟମର ସର୍ତ୍ତାବଳୀ ଅନୁଯାୟୀ ଅନୁଜ୍ଞା ପତ୍ର ପ୍ରଦାନ କରାଯାଇପାରିବାର ପ୍ରଣାଳୀ ଓ ପଦ୍ଧତି ପ୍ରଦାନ କରୁଥିବା ବନ୍ୟପ୍ରାଣୀ (କାରବାର ଏବଂ ଚର୍ମରକ୍ଷଣ ବିଦ୍ୟା) ନିୟମାବଳୀ, 1973 ପ୍ରଣୟନ କରିଥିଲେ ।

କେନ୍ଦ୍ର ସରକାର ବନ୍ୟପ୍ରାଣୀ (ସଂରକ୍ଷଣ) ଅନୁଜ୍ଞା ପତ୍ର (ବିଚାରାର୍ଥେ ଅତିରିକ୍ତ ବିଷୟ) ନିୟମାବଳୀ, 1983 ମଧ୍ୟ ପ୍ରଣୟନ କରିଥିଲେ, ଯାହାର ନିୟମ 3 ନିମ୍ନମତେ ପଠିତ ହୁଏ:

"ଅଧିନିୟମର ଧାରା 44 ଅଧୀନରେ ଅନୁଜ୍ଞା ପତ୍ର ପ୍ରଦାନ ପାଇଁ ବିଚାରାର୍ଥେ ଅତିରିକ୍ତ ବିଷୟ— ଅଧିନିୟମର ଧାରା 44 ର ଉପ-ଧାରା (1) ରେ ଉଲ୍ଲେଖ ଥିବା ଅନୁଜ୍ଞା ପତ୍ର ପ୍ରଦାନ କରିବା ଉଦ୍ଦେଶ୍ୟରେ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଯେଉଁ କ୍ଷେତ୍ରରେ ଯାହା ପ୍ରଯୁଜ୍ୟ, ସେହି ଧାରାର ଉପ-ଧାରା (4) ର ଖଣ୍ଡ (b) ରେ ନିର୍ଦ୍ଧାରିତ ବିଷୟଗୁଡ଼ିକ ବ୍ୟତିରେକେ ନିମ୍ନଲିଖିତ ଅନ୍ୟାନ୍ୟ ବିଷୟଗୁଡ଼ିକୁ ଦୃଷ୍ଟିରେ ରଖିବେ, ଯଥା:

(i) ସେଭଳି ବ୍ୟବସାୟ ପାଇଁ ସୁବିଧା ସୁଯୋଗ, ସରଞ୍ଜାମ ଏବଂ ପରିସରର ଉପଯୁକ୍ତତାକୁ ଭିତ୍ତି କରି ସମ୍ପୃକ୍ତ ବ୍ୟବସାୟ ପରିଚାଳନା କରିବା ପାଇଁ ଆବେଦନକାରୀଙ୍କ ସାମର୍ଥ୍ୟ;

(ii) ସମ୍ପୃକ୍ତ ବ୍ୟବସାୟ ପାଇଁ ଯୋଗାଣ କେଉଁ ଉତ୍ସରୁ ଏବଂ କେଉଁ ପ୍ରଣାଳୀରେ ପ୍ରାପ୍ତ କରାଯିବ;

(iii) ସମ୍ପୃକ୍ତ ଅଞ୍ଚଳରେ ପୂର୍ବରୁ ପ୍ରଚଳିତ ଥିବା ସମ୍ପୃକ୍ତ ବ୍ୟବସାୟ ପାଇଁ ଅନୁଜ୍ଞା ପତ୍ର ସଂଖ୍ୟା;

(iv) ସେଭଳି ଅନୁଜ୍ଞା ପତ୍ର ପ୍ରଦାନ ଦ୍ୱାରା ସମ୍ପୃକ୍ତ ବନ୍ୟପ୍ରାଣୀଙ୍କ ଶିକାର କିମ୍ବା ବ୍ୟାପାର ଉପରେ କି ପ୍ରଭାବ ପଡ଼ିବ:

ପ୍ରଦତ୍ତ ସର୍ତ୍ତ ଏହି ଯେ, ଯଦି ଉକ୍ତ ପ୍ରଭାବ ଅଧିନିୟମର ଅନୁସୂଚୀ I କିମ୍ବା ଅନୁସୂଚୀ II ର Part II ରେ ଉଲ୍ଲେଖ ଥିବା କୌଣସି ବନ୍ୟପ୍ରାଣୀ ସହିତ ଜଡ଼ିତ ଥାଏ, ତେବେ କେନ୍ଦ୍ର ସରକାରଙ୍କ ପୂର୍ବ ପରାମର୍ଶ ବିନା ସେଭଳି କୌଣସି ଅନୁଜ୍ଞା ପତ୍ର ପ୍ରଦାନ କରାଯିବ ନାହିଁ ।"

ଏହା ବର୍ତ୍ତମାନ ସୁପ୍ରତିଷ୍ଠିତ ଯେ ଯେତେବେଳେ ନିୟମଗୁଡ଼ିକ ବୈଧ ଭାବେ ପ୍ରଣୟନ କରାଯାଏ, ସେଗୁଡ଼ିକୁ ଅଧିନିୟମର ଏକ ଅଂଶ ଭାବେ ଗ୍ରହଣ କରାଯିବା ଉଚିତ । ପୂର୍ବରୁ ଉଲ୍ଲେଖ କରାଯାଇଥିବା ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାଗୁଡ଼ିକର ଏକ ସମ୍ମିଳିତ ପଠନ ଏଥିରେ କୌଣସି ସନ୍ଦେହର ଅବକାଶ ରଖେ ନାହିଁ ଯେ, ଯଦିଓ ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କ ସମ୍ବନ୍ଧରେ ଅନୁଜ୍ଞା ପତ୍ର ପ୍ରଦାନ ସମ୍ପୂର୍ଣ୍ଣ ରୂପେ ନିଷେଧ ନୁହେଁ, ଅନୁଜ୍ଞା ପତ୍ର ପ୍ରଦାନ କରିବା ପୂର୍ବରୁ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଏକ ଆଇନଗତ ବାଧ୍ୟବାଧକତା ଅଧୀନରେ ଏହା ସୁନିଶ୍ଚିତ କରିବେ ଯେ ସେଥିଦ୍ୱାରା, *ଅନ୍ୟାନ୍ୟ ବିଷୟ ସହିତ,* ଅଧିନିୟମର ଧାରା 9 ର ବ୍ୟବସ୍ଥା ଏବଂ ନିୟମାବଳୀର ବ୍ୟବସ୍ଥାଗୁଡ଼ିକ ଯେପରି ଉଲ୍ଲଂଘନ ନହୁଏ । ଅଧିନିୟମ, ଯେପରି ପୂର୍ବରୁ ଲକ୍ଷ୍ୟ କରାଯାଇଛି, ବନ୍ୟପ୍ରାଣୀମାନଙ୍କର ସୁରକ୍ଷା କରିବାକୁ ଚାହେଁ । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଅଧିନିୟମରେ ଥିବା ଯେକୌଣସି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଠୋରତା ସହିତ ଅନୁପାଳନ କରାଯିବା ଆବଶ୍ୟକ । ଯେତେବେଳେ ଅନୁସୂଚୀ IV ରେ ଉଲ୍ଲେଖ ଥିବା ପକ୍ଷୀମାନଙ୍କର ଶିକାର ନିଷେଧ କରାଯାଇଛି, ସେତେବେଳେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, କୌଣସି ବ୍ୟକ୍ତିଙ୍କୁ ଶିକାର ଦ୍ୱାରା

ପ୍ରାପ୍ତ ହୋଇଥିବା ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କର ବ୍ୟବସାୟ କରିବା ପାଇଁ ଅନୁଜ୍ଞା ପତ୍ର ପ୍ରଦାନ କରାଯାଇପାରିବ ନାହିଁ, ଯାହାକି ପୂର୍ବରୁ ସୂଚିତ ହେବା ଭଳି ଫାଶରେ ପକାଇବା ମଧ୍ୟ ଅନ୍ତର୍ଭୁକ୍ତ କରେ । ଏହା କହିବା ଏକ ସ୍ୱତନ୍ତ୍ର ବିଷୟ ଯେ ପଞ୍ଜୁରୀରେ ପକ୍ଷୀମାନଙ୍କର ପ୍ରଜନନ କରାଇ ସେମାନଙ୍କ ସଂଖ୍ୟା ବୃଦ୍ଧି କରାଯାଉଛି, ମାତ୍ର ଏହା କହିବା ସମ୍ପୂର୍ଣ୍ଣ ଭିନ୍ନ ଯେ ପକ୍ଷୀମାନଙ୍କୁ ପଞ୍ଜୁରୀବଦ୍ଧ କରିବା ପୂର୍ବରୁ ଫାଶରେ ପକାଯାଉଛି ଯେପରି ଅନୁଜ୍ଞା ପତ୍ରଧାରୀ ସେଗୁଡ଼ିକର ବ୍ୟବସାୟ କରିବାକୁ ସକ୍ଷମ ହେବେ । ଶେଷୋକ୍ତ କାର୍ଯ୍ୟଟି ସ୍ପଷ୍ଟ ଭାବେ ନିଷେଧ । 1983 ନିୟମାବଳୀର ନିୟମ 3 ସ୍ପଷ୍ଟ ଭାବେ ଦର୍ଶାଏ ଯେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ କେବଳ ସମ୍ପୃକ୍ତ ବ୍ୟବସାୟ ପାଇଁ ଯୋଗାଣର ଉତ୍ସ ଏବଂ ପ୍ରଣାଳୀକୁ ବିଚାର କରିବେ ନାହିଁ, ବରଂ ସେଭଳି ଅନୁଜ୍ଞା ପତ୍ର ପ୍ରଦାନ ଦ୍ୱାରା ସମ୍ପୃକ୍ତ ବନ୍ୟପ୍ରାଣୀଙ୍କ ଶିକାର କିମ୍ବା ବ୍ୟାପାର ଉପରେ କି ପ୍ରଭାବ ପଡ଼ିବ, ସେ ସମ୍ବନ୍ଧରେ ଗମ୍ଭୀର ବିଚାର କରିବା ଆବଶ୍ୟକ । ଯେତେବେଳେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଜଣେ ଅନୁଜ୍ଞା ପତ୍ରଧାରୀଙ୍କ ପୂର୍ବ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏହି ତଥ୍ୟଗତ ନିଷ୍କର୍ଷରେ ପହଞ୍ଚନ୍ତି ଯେ, ସେ ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କର ପ୍ରଜନନ ଦ୍ୱାରା କୌଣସି ବ୍ୟବସାୟ ଚଲାଇ ପାରିବେ ନାହିଁ, ବରଂ ସେଥିପାଇଁ ତାଙ୍କୁ ବାଧ୍ୟତାମୂଳକ ଭାବେ ଶିକାର କରିବାକୁ ପଡ଼ିବ, ସେତେବେଳେ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଅନୁଜ୍ଞା ପତ୍ର ପ୍ରଦାନ କରିବାକୁ ମନା କରିବାରେ ସେ ଯଥାର୍ଥ ଅଟନ୍ତି । ଯଦି ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାଗୁଡ଼ିକୁ କଠୋର ଭାବେ ଏବଂ ପୂର୍ବୋକ୍ତ ପ୍ରଣାଳୀରେ ବ୍ୟାଖ୍ୟା କରାନଯାଏ, ତେବେ ଯେଉଁ ଉଦ୍ଦେଶ୍ୟରେ ଅଧିନିୟମ ପ୍ରଣୟନ କରାଯାଇଛି ତାହା ନିଷ୍ଫଳ ହୋଇଯିବ ।

ଅଧିନିୟମ ଯେଉଁ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ହାସଲ କରିବାକୁ ଚାହେଁ, ତାହାକୁ ଦୃଷ୍ଟିରେ ରଖି ଆମ ପାଖରେ ଏହା ଗ୍ରହଣ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ ଯେ ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ନିର୍ଦ୍ଦେଶ ଜାରି କରି ଏକ ତ୍ରୁଟିପୂର୍ଣ୍ଣ ଆଧାରରେ ଅଗ୍ରସର ହୋଇଛନ୍ତି ।

ଆମ ମତରେ, ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କ ସପକ୍ଷରେ ଅନୁଜ୍ଞା ପତ୍ର ପ୍ରଦାନ କରିବାକୁ ଅପିଲକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଏକ ସ୍ପଷ୍ଟ ତ୍ରୁଟି କରିଥିଲେ । ଯେହେତୁ ଅଧିନିୟମ ଏବଂ ସେଥିଅଧୀନରେ ପ୍ରଣୀତ ନିୟମାବଳୀର ସର୍ତ୍ତାବଳୀ ଅନୁଯାୟୀ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଜଣେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନପତ୍ରକୁ ବିଚାର କରିବେ ଏବଂ ନିଜେ ସନ୍ତୁଷ୍ଟ ହେବେ ଯେ ଆବେଦନକାରୀଙ୍କ ସପକ୍ଷରେ ଯଦି କୌଣସି ଅନୁଜ୍ଞା ପତ୍ର ପ୍ରଦାନ କରାଯାଏ, ତେବେ ସେ ଅଧିନିୟମ, ନିୟମାବଳୀ ଏବଂ ସେଥିପାଇଁ ନିର୍ଦ୍ଧାରିତ ଅନୁଜ୍ଞା ପତ୍ରର ନିୟମ

ଓ ସର୍ତ୍ତାବଳୀକୁ କଠୋର ଭାବେ ପାଳନ କରିବାକୁ ସକ୍ଷମ ଅଟନ୍ତି । କେବଳ ବିଧାନରେ ନିର୍ଦ୍ଧାରିତ ବସ୍ତୁନିଷ୍ଠ ମାନଦଣ୍ଡକୁ ବିଚାର କରି ସନ୍ତୁଷ୍ଟ ହେବା ପରେ ହିଁ ସେ ଅନୁଜ୍ଞା ପତ୍ର ଜାରି କରିପାରିବେ ଏବଂ ସେଥିପାଇଁ ଏପରି ଆକ୍ଷେପିତ ନିର୍ଦ୍ଦେଶ ଜାରି କରିବା ଉଚ୍ଚ ନ୍ୟାୟାଳୟଙ୍କ କ୍ଷେତ୍ରାଧିକାର ଅଧୀନରେ ନଥିଲା । ତଦନୁଯାୟୀ ଏହାକୁ ବାତିଲ କରାଗଲା ।

ପୂର୍ବୋକ୍ତ କାରଣଗୁଡ଼ିକ ଯୋଗୁଁ, ଅପିଲକୁ ଆଂଶିକ ଭାବେ ମଞ୍ଜୁର କରିବା ସହ ଆମେ ନିର୍ଦ୍ଦେଶ ଦେଉଛୁ ଯେ ଯଦି ଏଠାରେ ଥିବା ପ୍ରତିପକ୍ଷ ପଞ୍ଜୁରୀବଦ୍ଧ ପକ୍ଷୀମାନଙ୍କର ବ୍ୟବସାୟ ପାଇଁ ଅନୁଜ୍ଞା ପତ୍ର ପ୍ରଦାନ ନିମନ୍ତେ ଏକ ଆବେଦନପତ୍ର ଦାଖଲ କରନ୍ତି, ତେବେ ଅନୁଜ୍ଞା ପତ୍ର ପ୍ରଦାନକାରୀ କର୍ତ୍ତୃପକ୍ଷ ଅଧିନିୟମ, ନିୟମାବଳୀ ଏବଂ/କିମ୍ବା ଅନୁଜ୍ଞା ପତ୍ରର ପ୍ରାସଙ୍ଗିକ ନିୟମ ଓ ସର୍ତ୍ତାବଳୀର କଠୋର ଅନୁପାଳନ ସମ୍ବନ୍ଧୀୟ ପ୍ରତିପକ୍ଷଙ୍କ ସାମର୍ଥ୍ୟ ବିଷୟରେ ନିଜେ ସନ୍ତୁଷ୍ଟ ହେବା ସହ ଏହି ତଥ୍ୟ ବିଷୟରେ ମଧ୍ୟ ସନ୍ତୁଷ୍ଟ ହେବେ ଯେ ସେଭଳି ପ୍ରଦାନ ଦ୍ୱାରା ଉକ୍ତ ଅଧିନିୟମର କୌଣସି ବ୍ୟବସ୍ଥା ଉଲ୍ଲଂଘନ ହେଉଛି କି ନାହିଁ, ଏବଂ ତା' ପରେ ହିଁ ଆବେଦନକୁ ବିଚାରକୁ ନିଆଯିବ।

ଏହିପରି ଭାବେ ଅପିଲଟିର ଫଏସଲା କରାଗଲା, ମାତ୍ର ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ମକଦ୍ଦମା ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦିଆଗଲା ନାହିଁ ।

ଆର୍.ପି. ଅପିଲର ଫଏସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**